# NATIONAL NEWS BULLETIN (ODIA)

**19 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହରେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ହଙ୍ଗାମା ଜାରି ।

- ଉଭୟ ଗୃହ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ।

- ଇଣ୍ଡିମେଣ୍ଟ ପକ୍ଷରୁ ଉପରାଷ୍ଟ୍ରପତି ପଦ ନିମନ୍ତେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀ ପ୍ରାର୍ଥୀ ଘୋଷିତ ।

- ଭାରତ-ଚୀନ୍ ସୀମା ବିବାଦ ନେଇ ନୂଆଦିଲ୍ଲୀରେ ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ବୈଠକ ଅନୁଷ୍ଠିତ ।

ଏବଂ

- ରୁଷ୍‌ରେ ଗୋଳାବାରୁଦ କାରଖାନା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୨୫କୁ ବୃଦ୍ଧି ।

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ସଂସଦର ଉଭୟ ଗୃହରେ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଉଭୟ ସଦନକୁ ମୁଲତବୀ ଘୋଷଣା କରାଯାଇଛି । ପୂର୍ବାହ୍ଣ ୧୧ଟାରେ ରାଜ୍ୟସଭାରେ  ଉପାଧ୍ୟକ୍ଷ ହରିବଂଶ କହିଥିଲେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ୨୦ଟି ମୁଲତବୀ ନୋଟିସ୍ ଦିଆଯାଇଥିଲା । ତେବେ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ସେହି ନୋଟିସ୍ ଗୁଡ଼ିକୁ ଖାରଜ କରାଯାଇଛି । ଏନେଇ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେଇଥିଲେ । ଉପାଧ୍ୟକ୍ଷ ହରିବଂଶ ଶୂନ୍ୟକାଳ ଚଳାଇବା ଲାଗି ଚେଷ୍ଟା କରିଥିଲେ ଏବଂ ବିରୋଧୀ ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବା ଲାଗି ଅନୁରୋଧ କରିଥିଲେ । ବିରୋଧୀ ସଦସ୍ୟମାନେ ଉପାଧ୍ୟକ୍ଷଙ୍କ ଅନୁରୋଧକୁ କର୍ଣ୍ଣପାତ କରିନଥିଲେ । ଫଳରେ ସେ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଲୋକସଭାରେ ମଧ୍ୟ ସମାନ ପରିସ୍ଥିତି ଲାଗିରହିଥିଲା । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ନେଇ ହଟ୍ଟଗୋଳ କରିଥିଲେ । ଫଳରେ ପୀଠାସୀନ ଅଧିକାରୀ ଶୂନ୍ୟକାଳ ଚଳାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ । ବାରମ୍ବାର ଅନୁରୋଧ ସତ୍ତ୍ୱେ ବିରୋଧୀଦଳ ସଦସ୍ୟମାନେ ଗୃହକାର୍ଯ୍ୟ ପ୍ରତି

ଧ୍ୟାନ ଦେଇନଥିଲେ । ପରେ ଲୋକସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

ପୂର୍ବାହ୍ନ ୧୧ଟାରେ ଲୋକସଭା ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଜଣାଇଥିଲେ ସମ୍ବିଧାନରେ ସ୍ୱୀକୃତ ସମସ୍ତ ଭାରତୀୟ ଭାଷାରେ ବ୍ୟାଖାନ ସେବା ମିଳିପାରିବ । ସେ କହିଥିଲେ ଏବେ କାଶ୍ମୀରୀ, କୋଙ୍କଣି ଏବଂ ସାନ୍ତାଳୀ ଭାଷାରେ ମଧ୍ୟ ଏହି ସେବା ଉପଲବ୍ଧ ହେବ । ଏପର୍ଯ୍ୟନ୍ତ ହିନ୍ଦୀ ଏବଂ ଇଂରାଜୀ ବ୍ୟତୀତ ୧୮ଟି ଭାରତୀୟ ଭାଷାରେ ବ୍ୟାଖ୍ୟାନ ସେବା ମିଳିପାରୁଥିଲା । ଏଣିକି ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ହୋଇଥିବା ୨୨ଟି ଯାକ ଭାଷାରେ ବ୍ୟାଖ୍ୟାନ ସେବା ମିଳିବ ।

**V/O (Omm Birla)**

## ଇଣ୍ଡି ଭିପି କ୍ୟାଣ୍ଡିଡେଟ୍

ଇଣ୍ଡିଆ ମେଣ୍ଟ ପକ୍ଷରୁ ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ବି. ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀଭାବେ ଘୋଷଣା କରାଯାଇଛି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି. ସୁଦର୍ଶନ ରେଡ୍ଡୀଙ୍କ ପ୍ରାର୍ଥିତ୍ୱ ନେଇ ଘୋଷଣା କରିଛନ୍ତି । ଶ୍ରୀ ଖଡଗେ କହିଛନ୍ତି ଇଣ୍ଡିଆ ମେଣ୍ଟ ବୈଠକରେ ସର୍ବସମ୍ମତିକ୍ରମେ ଶ୍ରୀ ରେଡ୍ଡୀଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଚୟନ କରାଯାଇଛି । ଆସନ୍ତା ମାସ ୯ ତାରିଖରେ ଉପରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ପକ୍ଷରୁ ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକୃଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରାଯାଇଛି ।

# ଚାଇନା ଏଫ୍‌ଏମ୍ ଡୋଭାଲ ଟକ୍‌ସ

ଭାରତ-ଚୀନ୍ ସୀମା ବିବାଦ ନେଇ ଆଜି ନୂଆଦିଲ୍ଲୀରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ଏବଂ ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ୍ ୱିଙ୍କ ମଧ୍ୟରେ ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ଅନୁଷ୍ଠିତ ହୋଇଛି । ଶ୍ରୀ ଡୋଭାଲ କହିଛନ୍ତି ଗତ ୯ ମାସ ମଧ୍ୟରେ ସୀମାବର୍ତ୍ତୀ ଅଞ୍ଚଳରେ ପରିସ୍ଥିତିର ଉନ୍ନତି ଘଟିଛି ଏବଂ ସାମଗ୍ରିକ ଭାବେ ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି । ଉଭୟ ଦେଶ ମଧ୍ୟରେ ସୀମା ବିବାଦ ନେଇ ଚାଲିଥିବା କଥାବାର୍ତ୍ତାରୁ ସୁଫଳ ମିଳିପାରିଛି । ଉଭୟ ଦେଶର ନେତୃତ୍ୱ ଗତବର୍ଷ ଅକ୍ଟୋବରରେ କାଜାନରେ ଆଲୋଚନା ପରେ ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ନୂଆ ଦିଗ ଦେବାଲାଗି କରିଥିବା ପ୍ରୟାସ ସଫଳ ହୋଇଛି ।

ସେ କହିଛନ୍ତି ୨୪ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ କଥାବାର୍ତ୍ତା ମଧ୍ୟ ସଫଳ ହେବ । ଉଭୟ ଦେଶ ବିଭିନ୍ନ କ୍ଷେତ୍ରରେ ବିକାଶ ଲାଗି ଅଗ୍ରସର ହେଉଥିବା ସେ କହିଛନ୍ତି । ଆଗାମୀ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚୀନ୍ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିବାରୁ ଏହି ଆଲୋଚନାକୁ ଅଧିକ ଗୁରୁତ୍ୱ ଦିଆଯାଉଛି ।

ଚୀନ୍ ବିଦେଶମନ୍ତ୍ରୀ ୱାଙ୍ଗ୍ ୱି ମଧ୍ୟ ଏହି ଆଲୋଚନା ଫଳପ୍ରଦ ହୋଇଥିବା କହିଛନ୍ତି । ପୂର୍ବରୁ ଉଭୟ ଦେଶ ମଧ୍ୟରେ ଘଟିଥିବା ଘଟଣା ସମ୍ପୃକ୍ତ ଅଞ୍ଚଳର ନାଗରିକମାନଙ୍କ ସ୍ୱାର୍ଥ ସମ୍ବଳିତ ନଥିଲା ବୋଲି ସେ କହିଛନ୍ତି । ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା କଥାବାର୍ତ୍ତା ସୀମା ବିବାଦ ସମାଧାନ ଦିଗରେ ଅତ୍ୟନ୍ତ ସହାୟକ ହୋଇଥିଲା । ଗତବର୍ଷ ଶେଷଭାଗରେ ହୋଇଥିବା

୨୩ତମ ସ୍ୱତନ୍ତ୍ର ପ୍ରତିନିଧିସ୍ତରୀୟ ଆଲୋଚନାରେ ଉଭୟ ଦେଶ ସମାଧାନ ଦିଗକୁ ଅଗ୍ରସର ହୋଇଥିଲେ । ଏକ ନିର୍ଦ୍ଦିଷ୍ଟ ଢ଼ାଞ୍ଚା ମଧ୍ୟରେ କାର୍ଯ୍ୟ କରିବା ଲାଗି ଉଭୟ ଦେଶ ସହମତି ପ୍ରକାଶ କରିଥିବା ଶ୍ରୀ ୱିଂ କହିଛନ୍ତି । ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି । ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଚୀନ୍ ବୈଦେଶିକ ମନ୍ତ୍ରୀ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

# ଏଲ୍ଏସ୍-ବିକଶିତ କୃଷି ସଂକଳ୍ପ ଅଭିଯାନ

କୃଷକ ଏବଂ କୃଷି ବୈଜ୍ଞାନିକ ମାନଙ୍କ ମଧ୍ୟରେ ସିଧାସଳଖ ଭାବ ବିନିମୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆସନ୍ତା ଅକ୍ଟୋବର ୩ ତାରିଖରେ ବିକାଶ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରାଯିବ ବୋଲି କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ ଘୋଷଣା କରିଛନ୍ତି । ଲୋକସଭାରେ ପ୍ରଶ୍ନକାଳ ସମୟରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଚୌହ୍ୱାନ କହିଛନ୍ତି ଏହି ଅଭିଯାନ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଅଭିଯାନ ସମୟରେ ହଜାର ହଜାର କୃଷି ବୈଜ୍ଞାନିକ ଏବଂ କୃଷି ବିଭାଗ ଅଧିକାରୀମାନେ ଗ୍ରାମକୁ ଯାଇ କୃଷକମାନଙ୍କୁ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇଁ ନୂତନ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ବିଷୟରେ ଅବଗତ କରାଇବେ । ସରକାର ବୈଜ୍ଞାନିକ କୃଷି ପଦ୍ଧତି ଗ୍ରହଣ କରିବା ଏବଂ ସ୍ଥାୟୀ କୃଷି ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଉଥିବା ଶ୍ରୀ ଚୌହ୍ୱାନ କହିଛନ୍ତି ।

**V/O (Chouhan)**

ଗତ ମେ' ମାସରେ ଶେଷ ହୋଇଥିବା ଏକ ଅଭିଯାନରେ ଏକକୋଟି ୩୩ଲକ୍ଷରୁ ଅଧିକ କୃଷକଙ୍କ ସହ କୃଷି ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିବା ଶ୍ରୀ ଚୌହ୍ୱାନ ସୂଚନା ଦେଇଛନ୍ତି ।

## ରୁଷିଆ ବ୍ଲାଷ୍ଟ

ରୁଷ୍‌ର ଏକ ଗୋଳାବାରୁଦ କାରଖାନାରେ ଘଟିଥିବା ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ରୁଷ୍‌ର ରିଆଜନ ଅଞ୍ଚଳର ସିଲଭୋସ୍‌କି ଜିଲ୍ଲାରେ ଥିବା ସେହି କାରଖାନାରେ ବିସ୍ଫୋରଣ ହେବାମାତ୍ରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଥିଲା । ସେଠାକାର ଜଣେ ସରକାରୀ ମୁଖପାତ୍ରଙ୍କ କହିବା ଅନୁଯାୟୀ ଏହି ଘଟଣାରେ କୌଣସି ଅପରାଧିକ ତତ୍ୱଙ୍କ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ତଦନ୍ତ କରାଯାଉଛି ।

## ପିଏମ୍-ମହାରାଜା ତ୍ରିପୁରା

ତ୍ରିପୁରାର ମହାରାଜା ବୀର ବିକ୍ରମକିଶୋର ମାଣିକ୍ୟ ବାହାଦୁରଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପ୍ରଧାନମନ୍ତ୍ରୀ କହିଛନ୍ତି, ତ୍ରିପୁରାର ବିକାଶରେ ମହାରାଜା ବୀର ବିକ୍ରମକିଶୋର ମାଣିକ୍ୟ ବାହାଦୁରଙ୍କ ପ୍ରୟାସ ଅନୁକରଣୀୟ ଓ ପ୍ରଶଂସନୀୟ । ଜନସେବା ପ୍ରତି ତାଙ୍କର ଆଗ୍ରହ, ଗରିବଙ୍କ ସଶକ୍ତିକରଣ ପାଇଁ ତାଙ୍କର ପ୍ରତିବଦ୍ଧତା ଏବଂ ସାମାଜିକ ଉନ୍ନତି ପ୍ରତି ସମର୍ପଣ ସମସ୍ତଙ୍କୁ ପ୍ରେରଣା ଯୋଗାଇଛି । କେନ୍ଦ୍ର ସରକାର ଏବଂ ତ୍ରିପୁରା ସରକାର ମହାରାଜାଙ୍କ ସଂକଳ୍ପକୁ ସାକାର କରିବା ଲାଗି ସବୁପ୍ରକାର ଉଦ୍ୟମ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଆଧୁନିକ ତ୍ରିପୁରାର ସ୍ଥପତି ଭାବେ ଜଣାଶୁଣା ମହାରାଜା ବୀର

ବିକ୍ରମକିଶୋର ମାଣିକ୍ୟ ବାହାଦୁର ୧୯୨୩ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଶାସନ କରିଥିଲେ ।

## ଏଲ୍ଏସ୍-ଇଣ୍ଡିଆନ୍ ଲାଙ୍ଗୁଏଜ୍

କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ସରକାରୀ ଭାଷା ବିଭାଗ ଅଧୀନରେ ଭାରତୀୟ ଭାଷା ଅନୁଭାଗ ଗଠନ କରାଯାଇଛି । ବିଭିନ୍ନ ରାଜ୍ୟ ମଧ୍ୟରେ ଓ କେନ୍ଦ୍ର ସରକାରଙ୍କ ସହ ସରକାରୀ ଭାଷାରେ ସୂଚନା ଆଦାନ ପ୍ରଦାନ ନିମନ୍ତେ ଏହି ବିଭାଗ ଗଠନ କରାଯାଇଥିବା ସେ କହିଛନ୍ତି । ଲୋକସଭାରେ ଆଜି ପ୍ରଶ୍ନକାଳ ସମୟରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ରାୟ କହିଛନ୍ତି ଭାରତୀୟ ଭାଷା ଅନୁବାଦ ଅଧୀନରେ ବିଭିନ୍ନ ଭାରତୀୟ ଭାଷାରେ ସଫ୍ଟୱେୟାର ବିକଶିତ କରିବା ନିମନ୍ତେ ପୁଣେ ସ୍ଥିତ ସି-ଡାକ୍‌କୁ ଦାୟିତ୍ୱ ଦିଆଯାଇଛି । ଏହାଛଡା ବିଭିନ୍ନ ଭାରତୀୟ ଭାଷାରେ ଯେଭଳି କୃତ୍ରିମ ବୁଦ୍ଧିମତା ବ୍ୟବହାର କରାଯାଇପାରିବ ସେଥିଲାଗି ମଧ୍ୟ କାର୍ଯ୍ୟ କରାଯାଉଛି । ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ଭାରତୀୟ ଭାଷା ସମେତ ଅନ୍ୟାନ୍ୟ ଭାରତୀୟ ଭାଷା ଓ ଉପଭାଷାକୁ ମଧ୍ୟ ମୋଦୀ ସରକାର ଅଗ୍ରାଧିକାର ଦେଉଛନ୍ତି । ଏହିକ୍ରମରେ ସରକାରଙ୍କ ପକ୍ଷରୁ ଅଖିଳ ଭାରତୀୟ ରାଜଭାଷା ସମ୍ମେଳନ ଆୟୋଜନ କରାଯାଉଛି । ମନ୍ତ୍ରଣାଳୟ ପକ୍ଷରୁ ହିନ୍ଦୀ ଶବ୍ଦ ସିନ୍ଧୁ, ଡିଜିଟାଲ ଡିକ୍ସିନାରୀ, ଆନୁବାଦ ଆପ୍ ଓ ମୋବାଇଲ ଆପ୍ ବିକାଶ କରାଯାଇଥିବା ମନ୍ତ୍ରୀ ଶ୍ରୀ ରାୟ କହିଛନ୍ତି ।

## ପ୍ରେଜ୍-ଟ୍ରିବ୍ୟୁଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଶଙ୍କର ଦୟାଲ ଶର୍ମାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଆଜି ରାଷ୍ଟ୍ରପତି

ଭବନରେ ଶ୍ରୀମତୀ ମୁର୍ମୁ ପୂର୍ବତନ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଡକ୍ଟର ଶଙ୍କର ଦୟାଲ ଶର୍ମା ଭାରତର ନବମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିଲେ ।

## ମହା-ରେନ୍ସ

ମୁମ୍ବାଇ ଏବଂ ଏହାର ଉପକଣ୍ଠରେ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ - ଆଇଏମ୍‌ଡି ପୂର୍ବାନୁମାନ କରିଛି । ମୁମ୍ବାଇ ଏବଂ ଏହାର ପଡୋଶୀ ଜିଲ୍ଲା ପାଲଘର, ଥାନେ ଏବଂ ରାୟଗଡରେ ଆଜି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଆଇଏମ୍‌ଡି ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ପୁଣେ, ନାସିକ ଏବଂ ସତାରାର ଘାଟ ପାଇଁ ରେଡ୍ ଆଲର୍ଟ ଜାରି କରାଯାଇଥିବାବେଳେ ବୃହନ୍‌ମୁମ୍ବାଇ ମହାନଗର ନିଗମରେ ସ୍କୁଲ ଓ କଲେଜଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି ।

ଗତ ଶୁକ୍ରବାରଠାରୁ ମୁମ୍ବାଇ ସହର ଓ ଏହାର ଉପକଣ୍ଠରେ ପ୍ରବଳ ବର୍ଷା ଲାଗି ରହିଛି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ଅନାବଶ୍ୟକ ଯାତ୍ରାକୁ ଏଡାଇବା ସହ ସତର୍କ ରହିବା ପାଇଁ ନାଗରିକମାନଙ୍କୁ ନିବେଦନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ରାଜ୍ୟ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷରେ ବର୍ଷା ସ୍ଥିତିର ସମୀକ୍ଷା କରିଛନ୍ତି ।